### ଆୟୁଷ୍ମାନ ଭାରତ ଯୋଜନାରେ ଓଡ଼ିଶାବାସୀଙ୍କୁ ସାମିଲ ପାଇଁ ସେପ୍ଟେମ୍ବର ୩୦ରୁ ସାରା ରାଜ୍ୟରେ ସପ୍ତାହବ୍ୟାପୀ ବିଜେପିର ବ୍ୟାପକ ଜନ ଜାଗରଣ କାର୍ଯ୍ୟକ୍ରମ ଘୋଷଣା

# ସାରା ଭାରତରେ ଓଡ଼ିଆଙ୍କ ମାଗଣା ସ୍ୱାସ୍ଥ୍ୟସେବାରେ ବିଜେଡ଼ି ସରକାର କଂଟା : ବିଜେପି

- ସେପ୍ଟେମ୍ବର ୩୦ ତାରିଖ ଠାରୁ ବ୍ୟାପକ ଭାବରେ ସପ୍ତାହବ୍ୟାପୀ ଗାଁ କୁ ଗାଁ ଘରକୁ ଘର ପହଂଚିବେ ବିଜେପି କାର୍ଯ୍ୟକର୍ତା ।
- ଆୟୁଷ୍ମାନ ଭାରତ ଯୋଜନାରେ ଓଡ଼ିଶା ସାମିଲ ହେବା ଦାବିରେ ଦସ୍ତଖତ ସଂଗ୍ରହ କରିବେ ।
- ସବୁ ପଂଚାୟତ ଓ ସହରାଂଚଳରେ ବ୍ୟାପକ ପଥପ୍ରାନ୍ତ ସଭା କରି ଦୃଢ ଜନମତ ଗଢି ତୋଳିବା ପାଇଁ ଦଳ ପ୍ରୟାସ କରିବ ।
- ନବୀନବାବୁଙ୍କ ସାଧାରଣ ଗରିବ ଓଡ଼ିଆ ଲୋକଙ୍କ ମାଗଣା ଚିକିତ୍ସା ନୁହେଁ ବରଂ ନିଜର ମୁଖ୍ୟମନ୍ତ୍ରୀ ଚୌକି ବଂଚାଇବା ହୋଇଛି ପ୍ରାଥମିକତା ।
- ମୋଦିଙ୍କ ଆୟୁଷ୍ମାନ ଭାରତ ବଦଳରେ ଓଡ଼ିଆ ଲୋକଙ୍କୁ ମିଛ ଘୋଷଣାରେ ଠକିବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ନାଟକ ରଚିଛି ବିଜେଡି ସରକାର
- ବିଭିନ୍ନ ରାଜ୍ୟରେ ଦାଦନ ଖଟୁଥିବା ଓ ବିଭିନ୍ନ ସଂସ୍ଥାରେ କାମ କରି ପେଟ ପୋଷୁଥିବା ଓଡ଼ିଆ ଓ ଦେଶର ବିଭିନ୍ନ ସ୍ଥାନରେ ପାଠପଢିବାକୁ ଯାଇଥିବା ଓଡ଼ିଆ ପିଲାମାନେ ଗୁରୁତର ଦେହ ଖରାପ ହେଲେ ନବୀନ ବାବୁଙ୍କ ଯୋଜନା କାମ ଦେବ ନାହିଁ ।
- ଗୁରୁତର ରୋଗରେ ପୀଡ଼ିତ ହୋଇ ବମ୍ବେ, ଦିଲ୍ଲୀ ଓ ଚେନ୍ନାଇ ଗଲେ ଓଡ଼ିଆ ପାଇପାରିବେ ନାହିଁ ମାଗଣା ସ୍ୱାସ୍ଥ୍ୟସେବା ।
- ନିଜର ଚୌକି ପାଇଁ ନବୀନ ବାବୁ ସାଧାରଣ ଗରିବ ଓଡ଼ିଆ ଲୋକଙ୍କ ପ୍ରତି ଏତେ ନିର୍ଦ୍ଦୟ କାହିଁକି ?

**ଭୁବନେଶ୍ୱର, ତା.୨୬/୦୯ :** ମୋଦିଙ୍କ ଆୟୁଷ୍ମାନ ଭାରତ ଯୋଜନାରେ ଓଡ଼ିଶାବାସୀଙ୍କୁ ସାମିଲ ପାଇଁ ଆସନ୍ତୁ ଏକାଠି ହେବା । ସେପ୍ଟେମ୍ବର ୩୦ରୁ ସାରା ରାଜ୍ୟରେ ସପ୍ତାହବ୍ୟାପୀ ବ୍ୟାପକ ଜନ ଜାଗରଣ କାର୍ଯ୍ୟକ୍ରମ ପାଇଁ ଆହ୍ୱାନ ଦେଇଛି ଭାରତୀୟ ଜନତା ପାର୍ଟି । ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡା ।

ଓଡ଼ିଆ ଲୋକଙ୍କ ସ୍ୱାର୍ଥ ବିରୋଧୀ ନବୀନ ସରକାର ବିରୋଧରେ ବ୍ୟାପକ ଜନଜାଗରଣ କରାଯିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ବିଜେପି କାର୍ଯ୍ୟକର୍ତାମାନେ ସେପ୍ଟେମ୍ବର ୩୦ ତାରିଖ ଠାରୁ ବ୍ୟାପକ ଭାବରେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ଗାଁ କୁ ଗାଁ ଘରକୁ ଘର ପହଂଚିବ । ଆୟୁଷ୍ମାନ ଭାରତ ଯୋଜନାରେ ଓଡ଼ିଶା ସାମିଲ ହେବା ଦାବିରେ ଦସ୍ତଖତ ସଂଗ୍ରହ କରିବେ । ସବୁ ପଂଚାୟତ ଓ ସହରାଂଚଳରେ ବ୍ୟାପକ ପଥପ୍ରାନ୍ତ ସଭା କରି ଦୃଢ ଜନମତ ଗଢି ତୋଳିବା ପାଇଁ ଦଳ ପ୍ରୟାସ କରିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ମୋଦିଙ୍କ ମାଗଣା ସ୍ୱାସ୍ଥ୍ୟସେବା ଯୋଜନାରେ ଓଡ଼ିଶାବାସୀଙ୍କୁ ସାମିଲ କରିବାକୁ ରାଜ୍ୟସରକାରଙ୍କୁ ବାଧ୍ୟ କରାଯିବ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି ।

*(ପୃଷ୍ଠା: ୧/୨)*

ଶ୍ରୀ ପଣ୍ଡା କହିଛନ୍ତି ଗମ୍ଭୀର ରୋଗରେ ଦେଶରେ କେହି ବି ଗରିବ ଲୋକ ପୀଡ଼ିତ ହେଲେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୫ ଲକ୍ଷ ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ମୋଦି ସରକାର ଆରମ୍ଭ କରିଛନ୍ତି ଆୟୁଷ୍ମାନ ଭାରତ ଯୋଜନା । ଏହି ଯୋଜନାରେ ସାରା ଦେଶରେ ସରକାରୀ ଓ ବେସରକାରୀ ଡ଼ାକ୍ତରଖାନାମାନଙ୍କରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ପାଇଁ କାର୍ଯ୍ୟକାରୀ ହୋଇଛି ଯୋଜନା ।

ମାତ୍ର ଓଡ଼ିଆଙ୍କୁ ସାରା ଦେଶରେ ମୋଦି ଯୋଗାଉଥିବା ମାଗଣା ସ୍ୱାସ୍ଥ୍ୟସେବା ସାମ୍ନାରେ ବିଜେଡ଼ି ସରକାର ସାଜିଛି କଂଟା । ଲୋକଙ୍କୁ ସଠିକ୍ ଯାଗାରେ ବିନା ମୂଲ୍ୟରେ ମୋଦିଙ୍କ ସ୍ୱାସ୍ଥ୍ୟସେବା ଯୋଜନାରେ ଓଡ଼ିଆ ଲୋକଙ୍କୁ ସୁବିଧା ଯୋଗାଇ ନଦେବା ପାଇଁ ନବୀନ ସରକାର ସାଜିଛନ୍ତି କଂଟା ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

ନବୀନବାବୁ ସାଧାରଣ ଗରିବ ଓଡ଼ିଆ ଲୋକଙ୍କ ମାଗଣା ଚିକିତ୍ସା ନୁହେଁ ବରଂ ନିଜର ମୁଖ୍ୟମନ୍ତ୍ରୀ ଚୌକି ବଂଚାଇବା ହୋଇଛି ପ୍ରାଥମିକତା । ତେଣୁ ମୋଦିଙ୍କ ଆୟୁଷ୍ମାନ ଭାରତ ବଦଳରେ ଓଡ଼ିଆ ଲୋକଙ୍କୁ ମିଛ ଘୋଷଣାରେ ଠକିବା ପାଇଁ କରିଛନ୍ତି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ନାଟକ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

ଶ୍ରୀ ପଣ୍ଡା କହିଛନ୍ତି ମୋଦିଙ୍କ ଆୟୁଷ୍ମାନ ଭାରତ ପରି ଗମ୍ଭୀର ରୋଗରେ ପୀଡ଼ିତ ଓଡ଼ିଶାର ଲୋକ କ୍ୟାନସରରେ ପୀଡ଼ିତ ହେଲେ ମୁମ୍ବାଇର ଟାଟା ମେମୋରିଆଲ କ୍ୟାନସର ହସ୍ପିଟାଲ ସମେତ ଦେଶର ବିଭିନ୍ନ ସ୍ଥାନରେ ଥିବା ବଡ଼ ଡ଼ାକ୍ତରଖାନାମାନଙ୍କରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପାଇପାରିବ ନାହିଁ ମାଗଣା ଚିକିତ୍ସା ।

ସୁରଟ ହେଉ ବାଙ୍ଗାଲୋର ଅଥବା କେରଳ ବା ଚେନ୍ନାଇ ଏସବୁ ଦୂର ଦୂରାନ୍ତରେ ଦାଦନ ଖଟୁଥିବା ଓ ବିଭିନ୍ନ ସଂସ୍ଥାରେ କାମ କରି ପେଟ ପୋଷୁଥିବା ଓଡ଼ିଆ ଓ ଦେଶର ବିଭିନ୍ନ ସ୍ଥାନରେ ପାଠପଢିବାକୁ ଯାଇଥିବା ଓଡ଼ିଆ ପିଲାମାନେ ଗୁରୁତର ଦେହ ଖରାପ ହେଲେ ନବୀନ ବାବୁଙ୍କ ଯୋଜନା ସେମାନଙ୍କୁ ଯୋଗାଇ ପାରିବ ନାହିଁ ମାଗଣା ସ୍ୱାସ୍ଥ୍ୟସେବା ।

ଓଡ଼ିଶା ଭିତରେ ପୁଣି ତୃଣମୂଳ ସ୍ତରରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ଆଜି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ । ଡ଼ାକ୍ତରଖାନାରେ ଡ଼ାକ୍ତର ନାହାଁନ୍ତି । ୧୮ଟି ଜିଲ୍ଲା ମୁଖ୍ୟାଳୟ ଡ଼ାକ୍ତରଖାନାରେ ଆଇସିୟୁ ନାହିଁ । ଅଧିକାଂଶ ମୁଖ୍ୟ ଡ଼ାକ୍ତରଖାନାରେ ନିଶ୍ଚେତକ ଡାକ୍ତରଙ୍କ ସମେତ ଅନ୍ୟ ବିଶେଷଜ୍ଞ ଡ଼ାକ୍ତର ନାହାଁନ୍ତି । ଚିକିତ୍ସା ଭିତିଭୂମିର ଘୋର ଅଭାବ । ମାଗଣା ଚିକିତ୍ସାର ଯୋଜନା ନାଁରେ ଓଡ଼ିଆଙ୍କୁ ନବୀନ ବାବୁଙ୍କ ଠକିବା ଯୋଜନା କରିଛନ୍ତି । କାରଣ ମୋଦିଙ୍କ ସ୍ୱାସ୍ଥ୍ୟସେବା ପାଇଲେ ସାଧାରଣ ଓଡ଼ିଆମାନେ ଅଧିକ ଆକୃଷ୍ଟ ହେବେ ମୋଦିଙ୍କ ନେତୃତ୍ୱ ପ୍ରତି ।

ନିଜର ଚୌକି ପାଇଁ ନବୀନ ବାବୁ ସାଧାରଣ ଗରିବ ଓଡ଼ିଆ ଲୋକଙ୍କ ପ୍ରତି ଏତେ ନିର୍ଦ୍ଦୟ କାହିଁକି ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି ।

ପିସିରେ ପେଷି ହେଉଛନ୍ତି ଓଡିଶାବାସୀ, ଏ ପ୍ରସଙ୍ଗକୁ ନିଜେ ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଛନ୍ତି । ମୁଖ୍ୟମନ୍ତ୍ରୀ **ଷ୍ଟପ ପିସି** କହିଲା ପରେ ମଧ୍ୟ ଚିରାଚରିତ ପ୍ରଥାରେ ପିସିର ପରିମାଣ ବଢି ଭାଗ ବଂଟାରେ ପହଂଚିଛି । ପଂଚାୟତ ସ୍ତରରୁ ତୃତୀୟ ମହଲା ପର୍ଯ୍ୟନ୍ତ ସମସ୍ତେ ଏଥିରେ ଲିପ୍ତ ଅଛନ୍ତି । ଶାସକ ଦଳର ପିସି ଭାଗବଂଟାରେ ରାଜ୍ୟରେ ବିକାଶ ନୁହେଁ ବରଂ ସବୁଠି ଅତି ନିମ୍ନ ମାନର କାର୍ଯ୍ୟ ହେଉଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂହଦେଓ, ରାଜ୍ୟ ଉପ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଭୃଗୁ ବକ୍ସିପାତ୍ର ଓ ଅନନ୍ତ ନାୟକ, ରାଜ୍ୟ ସଂପାଦକ କାଳନ୍ଦୀ ସାମଲ ଓ ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**